## Media Release on Social Audit of Public Distribution System in Brahmapur City

# ସାଧାରଣ ବଣ୍ଟନ ବ୍ୟବସ୍ଥାର ସମୀକ୍ଷା

ବ୍ରହ୍ମପୁର, (ସନିପ୍ର) : ୟୁଥ୍ ଫର୍ ସୋସିଆଲ୍ ଡେଭ୍‌ଲପ୍‌ମେଣ୍ଟ ତରଫରୁ ଗୁରୁବାର ଦିନ ଗଞ୍ଜାମ କଳା ପରିଷଦ ଠାରେ ସାଧାରଣ ବଣ୍ଟନ ବ୍ୟବସ୍ଥାର ସାମାଜିକ ସମୀକ୍ଷା ସମ୍ପର୍କୀତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମ୍ପାଦକ ବିଭୁ ପ୍ରସାଦ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ବ୍ରହ୍ମପୁର ସହରର ବସ୍ତି ଅଞ୍ଚଳର ସାଧାରଣ ବଣ୍ଟନ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ କର୍ପୋରେଟର୍ ଅଶୋକ ଶୁକ୍ଳା, ଡିଲର୍ ସଂଘ ଉପଦେଷ୍ଟା ଭାସ୍କର ସାହୁ, ଈଶ୍ୱର ମହାନ୍ତି ଓ ଉଚ୍ଚ ନ୍ୟାୟାଳୟ କମିଶନରଙ୍କ ରାଜ୍ୟ ଉପଦେଷ୍ଟାଙ୍କ ପ୍ରତିନିଧି ଶମ୍ଭୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ସାଧାରଣ ବଣ୍ଟନ ବ୍ୟବସ୍ଥାର ସାମାଜିକ ସମୀକ୍ଷା ସମ୍ପର୍କିତ କର୍ମଶାଳା

ବ୍ରହ୍ମପୁର, ୨୮ (ଅନୁପମ ମିଡିଆ): ଉତ୍କଳ ଆଶ୍ରମ ସଭା ଗୃହ ପରିସରରେ ଗୁରୁବାର ୟୁଥ୍ ଫର ସୋସିଆଲ୍ ଡେଭଲପ୍‌ମେଣ୍ଟ ତରଫରୁ ସାଧାରଣ ବଣ୍ଟନ ବ୍ୟବସ୍ଥାର ସାମାଜିକ ସମୀକ୍ଷା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କର୍ମଶାଳାରେ ସାଧାରଣ ବଣ୍ଟନ ବ୍ୟବସ୍ଥାର କାର୍ଯ୍ୟକାରିତା ଓ ସମସ୍ୟା ନେଇ ଆଲୋଚନା କରାଯାଇଥିଲା । ଏଥିରେ ଡିଲର୍ ସଂଘର ଉପଦେଷ୍ଟା ଭାସ୍କର ସାହୁ, ଅଶୋକ ଶୁକ୍ଳା, ଈଶ୍ୱର ମହାନ୍ତି, ଶମ୍ଭୁ ସାହୁ, ବିଭୁ ସାହୁ ପ୍ରମୁଖ ଯୋଗଦେଇ ବଣ୍ଟନ ବ୍ୟବସ୍ଥାର ବିଭିନ୍ନ ଦିଗ ନେଇ ଆଲୋଚନା କରିଥିଲେ । ବ୍ରହ୍ମପୁର ସହରର ବସ୍ତି ଅଞ୍ଚଳର ସାଧାରଣ ବଣ୍ଟନ ବ୍ୟବସ୍ଥାର ସାମାଜିକ ସମୀକ୍ଷା ଏଠାରେ କରାଯାଇଥିଲା ।

# రేషన్ సరుకులు పక్కదారి




మాట్లాడుతున్న బిబూ ప్రసాద్

బరంపురం, న్యూస్‌లైన్: ప్రభుత్వం పేదల కోసం అందిస్తున్న రేషన్ సరకులు పక్కదారి పడుతున్నాయని సౌత్‌ఫర్ సోషల్ డెవలప్ మెంట్ సంస్థ అధ్యక్షుడు బిబూ ప్రసాద్ సాహు ఆరోపించారు. ఇది తమ సర్వేలో తేలిందని ఆయన తెలిపారు. స్థానిక గంజాం కళాపరిషత్ ప్రాంగణంలో గురువారం పేదల పథకాలపై జరిగిన చర్చా కార్యక్రమంలో ఆయన ప్రసంగించారు. ప్రభుత్వం పేదల కోసం వివిధ పథకాల ద్వారా అందిస్తున్న బియ్యం, పప్పులు, కిరోసిన్ వంటివి దళారులు తన్నుకుపోతున్నారని ఆరోపించారు. ముఖ్యంగా రాజకీయ నాయకులు వీటిని దోచుకుంటున్నారని ఆయన ధ్వజమెత్తారు. జిల్లాలోని కొన్ని ప్రాంతాల ప్రజలకు ఇప్పటికీ డీలర్ల నుంచి ఏవిధంగా సరుకులు తెచ్చుకోవాలో తెలియని దుస్థితి ఉందని అన్నారు. దీనిపై ప్రజలకు అవగాహన కల్పించాలని డీలర్లు, ఎన్‌జీఓ సంఘాల ప్రతినిధులను కోరారు. ఈ సమావేశంలో కార్పొరేటర్ ప్రదీప్‌శుక్లా, డీలర్ల సంఘ సలహాదారు భాస్కర్ సాహు, కార్యదర్శి ఈశ్వర్ మహంతి తదితరులు పాల్గొన్నారు.

# PDS of no use to the poor : social audit

Staff Reporter

**BERHAMPUR:** Poor beneficiaries living in slums of Berhampur are not getting properly benefited by the Public Distribution System (PDS), reported a social audit report prepared by Youth for Social Development (YSD).

The YSD happens to be an independent social research and development organisation. The activists of the YSD declared the findings of their social audit on PDS in slums of the city at a workshop organised in the city on Thursday. This social audit report hinted at several factual points which can lead to improvisation of PDS for the poor in the city.

Bibhu Prasad Sahu of YSD said they had conducted the social audit in six slums of the city through trained citizen volunteers.

It was found that largest chunk of PDS beneficiaries living in slums were from scheduled caste category amounting to around 85 per cent of total beneficiaries. Apart from the beneficiaries PDS shop owners and officials of the Civil Supplies Department were also interviewed for the audit survey. "We came to the conclusion that poor implementation and misleading government guidelines of PDS is proving to be stumbling block in the path of beneficiaries getting their entitled benefits", Mr. Sahu said.

Around 59 per cent of the respondents reported that the PDS shop in their area was remaining open for 15 days in a month, while 24.6 per cent said the PDS shops in their area remained open for only seven days in a month. It was alarming to note that 91.8 per cent of the beneficiaries who checked the weight of items they procured from PDS shops reported that there was variation of 10 to 15 per cent in weight of the subsidised rice they got from there.

Around 90 per cent of the respondents said they had never found information regarding authorities to whom they may complain in case of need at the PDS shops.

Owners of almost all Fair Price Shops (FPS) that are distribution points of PDS complained that they are finding it hard to bear the expenditure incurred on maintenance of their shops. Most of them were ignorant about the Supreme Court guidelines on food security and also the guidelines of the State government regarding PDS. Very few FPS had electronic weighing machines and did not have proper space to store food grains

There are only two inspectors of Civil Supplies Department to inspect 133 FPS in Berhampur. It was alleged that they never interacted with the beneficiaries during their visits to FPS.

The social audit recommended that the Berhampur Municipal Corporation (BMC) and State Civil Supplies Department should jointly take up publicity measures to create awareness regarding the norms of PDS among the poor beneficiaries and FPS owners.

# 'నిత్యావసర వస్తువుల సరఫరాపై నిర్లక్ష్యం తగదు'

బరంపురం బజారు, న్యూస్‌టుడే: పేదలకు ఆహార సామగ్రి సరఫరా చేసే విషయంలో దుకాణదారులు




మాట్లాడుతున్న శంభుసాహు, వేదికపై విభూప్రసాద్ సాహు, ఈశ్వర్‌మహంతి తదితరులు

నిర్లక్ష్యం చేయరాదని సుప్రీంకోర్టు ప్రతినిధి శంభు సాహు అన్నారు. యూత్ ఫర్ సోషల్ డెవలప్‌మెంట్ (వైఎస్‌డి) సంస్థ నిత్యావసర సామగ్రి సరఫరాపై గంజాం కళాపరిషత్ ఆవరణలో గురువారం సామాజిక సమీక్ష నిర్వహించింది. సాహు మాట్లాడుతూ సరఫరా విభాగం అధికారుల లోపాలు కప్పిపుచ్చుకునేందుకు ఏవో సాకులు చెబుతుంటారని, వాటిని నమ్మి దుకాణదారులు వ్యవహరిస్తే ఇబ్బందులు ఎదురుకాక తప్పదని శంభుసాహు హెచ్చరించారు. చట్టప్రకారం పనిచేస్తే ఎటువంటి ఇబ్బంది ఉండదని పేర్కొన్నారు. దుకాణదారుల సమస్యల పరిష్కారానికి రాష్ట్ర ప్రభుత్వం వారికి జీతం ఇచ్చే ప్రక్రియను మొదలుపెట్టిందని తెలిపారు. తమ సమస్యల పరిష్కారానికి పైఅధికారులకు ఫిర్యాదు చేయవచ్చని, అవసరమైతే పత్రికల సాయం తీసుకోవాలని సాహు సూచించారు. వై.ఎస్.డి. సంస్థ గతంలో లబ్ధిదారులు, దుకాణాదారులు, సరఫరా అధికారులతో సమస్యలపై చర్చించి సిద్ధం చేసిన నివేదికను ప్రదర్శనాత్మక ప్రసంగంలో వివరించింది. నిర్వాహక సంస్థ అధ్యక్షుడు విభూప్రసాద్ సాహు మాట్లాడుతూ తమ సంస్థ లబ్ధిదారుల పక్షం వహిస్తోందన్న దుకాణదారుల ఆరోపణ సరికాదన్నారు. వారు తమ సంస్థ సహాయంతో ప్రభుత్వానికి వినతిపత్రం ఇవ్వవచ్చని సూచించారు. దుకాణదారులు తమ సమస్యలను వివరించారు. దుకాణదారుల సంఘం కార్యదర్శి ఈశ్వర్‌మహంతి, సలహాదారు భాస్కరసాహు, కార్పొరేటరు అశోక్‌కుమార్ శుక్లా తదితరులు మాట్లాడారు.

# 'ହିତାଧିକାରୀଙ୍କୁ ଦାବିରୁ ବଞ୍ଚିତ କରାନଯାଉ'

ବ୍ରହ୍ମପୁର, ୯।୮ (ବ୍ୟୁରୋ): ସାଧାରଣ ବଣ୍ଟନ ବ୍ୟବସ୍ଥାର ସରକାରୀ ନିୟମାବଳୀକୁ ଭୁଲ ଭାବରେ ଖୋଲାଖୋଲି ଉଲ୍ଲଂଘନ କରି ବ୍ରହ୍ମପୁର ସହରର ହିତାଧିକାରୀଙ୍କୁ ନିଜର ନାର୍ଯ୍ୟ ଦାବିରୁ ବଞ୍ଚିତ କରାଯାଉଛି ବୋଲି ଏକ ୟୁଥ୍‌ଫର୍ ସୋସିଆଲ୍ ଡ଼େଭେଲପ୍ ମେଣ୍ଟ ପକ୍ଷରୁ ଆୟୋଜିତ କର୍ମଶାଳାରେଏନ୍‌ଜିଓ ଉତ୍କଳ ହଲ୍ ପରିସରରେ ସମୀକ୍ଷା ରିପୋର୍ଟ ପ୍ରଦର୍ଶିତ କରିଛି। ଆଜିର ଏହି କର୍ମଶାଳାରେ କିଛି କଣ୍ଟ୍ରୋଲ୍ ଡ଼ିଲର ଓ ସାଧାରଣ ଜନତା ଭାଗନେଇ ନିଜ ନିଜର ସୁବିଧା ଅସୁବିଧାର କାର୍ଯ୍ୟ କରିବା ସହ ସମାଧାନ ପନ୍ଥା ବିଷୟରେ ବୁଝିଥିଲେ। ସଂସ୍ଥା ତରଫରୁ ୫ଟି କଣ୍ଟ୍ରୋଲ୍ ଦୋକାନ, ୧୩୪ ଜଣ ହିତାଧିକାରୀ, ସମସ୍ତ ସରକାରୀ କର୍ମଚାରୀ ଯଥା ଯୋଗାଣ ନିରୀକ୍ଷକ, ସହକାରୀ ଯୋଗାଣ ଅଧିକାରୀଙ୍କୁ ସାକ୍ଷାତ କରି ସେମାନଙ୍କର ମତାମତ ସଂଗ୍ରହ କରାଯାଇଥିଲା। ଉପରୋକ୍ତ ମତାମତରୁ କେତେକ ସମାଧାନ ପନ୍ଥା ନିର୍ଦ୍ଧାରଣ କରିବା ସହ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସୁପ୍ରିମକୋର୍ଟ ନିର୍ଦ୍ଦେଶକୁ କଡ଼ାକଡ଼ି ପ୍ରଣୟନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। କଣ୍ଟ୍ରୋଲ୍ ଡ଼ିଲର ମାନେ ଖାଉଟିଙ୍କ ସୁବିଧାକୁ ଧ୍ୟାନରେ ରଖି ଦୋକାନ ଠିକ୍ ସମୟରେ ଖୋଲିବା, ବୈଦ୍ୟୁତିକ ଓଜନ ମାପକ ଯନ୍ତ୍ର ବ୍ୟବସ୍ଥା କରାଯିବା, ବିଭିନ୍ନ ସାମଗ୍ରୀ ନିୟମିତ ମିଳିବା ବ୍ୟବସ୍ଥା କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଆଜିର ଏହି କର୍ମଶାଳାରେ ସଂସ୍ଥାର ପୋଗ୍ରାମ




ମ୍ୟାନେଜର ଅନିଲ କୁମାର ମିଶ୍ର, ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ସାହୁ, ଡ଼ିଲର ସଂଘ, ସମ୍ପାଦକ ଈଶ୍ୱର ମହାନ୍ତି ସଂଘ ପରାମର୍ଶ ଦାତା ଭାସ୍କର ସାହୁ ଓ ହାଇକୋର୍ଟ କମିଶନରଙ୍କ ରାଜ୍ୟ ଉପଦେଷ୍ଟା ପ୍ରତିନିଧି (ରାଇଝଟୁ ଫୁଡ଼) ଶମ୍ଭୁ ସାହୁ ଯୋଗ ଦେଇ ଡ଼ିଲର ଓ ସାଧାରଣ ଜନତାକୁ ଏହାର ନୀତି ନିୟମ ବିଷୟରେ ସଚେତନ କରାଇଥିଲେ, ଆଜିର ଏହି ସଭାରେ ସମ୍ମାନୀତ ଅତିଥି ରୂପେ କର୍ପୋରେଟର ଅଶୋକ ଶୁକ୍ଳ ଯୋଗ ଦେଇଥିଲେ।

# ସାଧାରଣ ବଣ୍ଟନ ବ୍ୟବସ୍ଥା ସମାଜିକ ସମୀକ୍ଷା ସମ୍ପର୍କିତ କର୍ମଶାଳା

ବ୍ରହ୍ମପୁର, ୯।୮ (ବ୍ୟୁରୋ)- ସାଧାରଣ ବଣ୍ଟନ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ନେଇ ଅସ୍ପଷ୍ଟ ନିୟମାବଳୀ ଯୋଗୁ ସାଧାରଣ ବଣ୍ଟନ ବ୍ୟବସ୍ଥାରୁ ଉପଯୁକ୍ତ ସୁବିଧା ପାଇବାରେ ହିତାଧିକାରୀ ନିଜର ନାର୍ଯ୍ୟ ଦାବି ପାଇବାରେ ବଞ୍ଚିତ ହେଉଥିବା ନେଇ କର୍ମଶାଳାରେ ମତ ପ୍ରକାଶ ପାଇଥିଲା।

ୟୁଥ ଫର୍ ସୋସିଆଲ ଡ଼େଭଲପମ୍ୟାଣ୍ଟ ପକ୍ଷରୁ ସାଧାରଣ ବଣ୍ଟନ ବ୍ୟବସ୍ଥାର ସାମାଜିକ ସମୀକ୍ଷା ସମ୍ପର୍କିତ ଏକ କର୍ମଶାଳା ଗଞ୍ଜାମ ଜଲା ପରିଷଦଠାରେ ଅନୁଷ୍ଠିତ ହୋଇଥିଲା। କର୍ମଶାଳାରେ ସରକାରୀ କଣ୍ଟ୍ରୋଲ ଦୋକାନ ଗୁଡ଼ିକରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱତା ତଥା ସେବାର ଗୁଣବତ୍ତାକୁ ନିରୀକ୍ଷଣ କରିବା ପାଇଁ ସରଳ ପ୍ରଣାଳୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ବହୁ ହିତାଧିକାରୀ, ଡିଲର ଓ ସରକାରୀ କର୍ମଚାରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା। ୫ଟି କଣ୍ଟ୍ରୋଲ ଦୋକାନ, ୧୩୪ଜଣ ହିତାଧିକାରୀ, ୬ଟି ବସ୍ତି ବାସିନ୍ଦା ଏବଂ




୫ ଡିଲରଙ୍କଠାରୁ ମତାମତ ସଂଗ୍ରହ କରାଯାଇଥିଲା। ବିଭିନ୍ନ ବିଚାରବିମର୍ଶ ପରେ ବିଏମ୍‌ସି ଓ ଯୋଗାଣ ବିଭାଗର ମିଳିତ ଉଦ୍ୟମରେ ସାଧାରଣ ବଣ୍ଟନ ବ୍ୟବସ୍ଥା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା, ସରକାରୀ କର୍ମଚାରୀ ଓ ଅଧିକାରୀମାନଙ୍କୁ ନିୟମିତ ଭାବେ ବିଭିନ୍ନ ସମୟରେ ପ୍ରଣୟନ କରାଯାଉଥିବା ଆଇନ କାନୁନ ସମ୍ପର୍କରେ ଅବଗତ ବ୍ୟବସ୍ଥା କରିବା, ସାଧାରଣ ବଣ୍ଟବ ବ୍ୟବସ୍ଥାର ପରିଚାଳନାରେ କୌଣସି ଅସୁବିଧା ନ ହେବା ପାଇଁ ଅଧିକ କର୍ମଚାରୀ ନିଯୁକ୍ତି ଦେବା ଇତ୍ୟାଦି ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କର୍ପୋରେଟର ଅଶୋକ ଶୁକ୍ଲା, ଡିଲର ସଂଘ ଉପଦେଷ୍ଟା ଭାସ୍କର ସାହୁ, ସଂଘର ସେକ୍ରେଟାରୀ ଇଶ୍ୱର ମହାନ୍ତି, ସୁପ୍ରିମକୋର୍ଟ କମିଶନରଙ୍କ ରାଜ୍ୟ ଉପଦେଷ୍ଟା ପ୍ରତିନିଧି ଶମ୍ଭୁ ସାହୁ ଏବଂ ୟୁଥ ଫର୍ ସୋସିଆଲ ଡେଭଲପମ୍ୟାଣ୍ଟର ସେକ୍ରେଟାରୀ ବିଭୁ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

● ୱାଇଏସଡିର ସର୍ଭେ ରିପୋର୍ଟ

# ସାଧାରଣ ବଣ୍ଟନ ସାମଗ୍ରୀ ପାଇବାରୁ ଖାଉଟି ବଞ୍ଚିତ




ବ୍ରହ୍ମପୁର(ବ୍ୟୁରୋ):

ସାଧାରଣ ବଣ୍ଟନ ବ୍ୟବସ୍ଥାର ସରକାରୀ ନିୟମାବଳୀର ଭୁଲ ତର୍ଜମା ତଥା ନିମ୍ନମାନର କାର୍ଯ୍ୟ ଯୋଗୁଁ ବ୍ରହ୍ମପୁରର ହିତାଧିକାରୀଙ୍କୁ ନିଜର ନ୍ୟାଯ୍ୟ ପ୍ରାପ୍ୟରୁ ବଞ୍ଚିତ କରୁଛି ବୋଲି 'ୟୁଥ ଫର ସୋସିଆଲ ଡେଭଲପମେଣ୍ଟ' ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଦର୍ଶାଯାଇଛି। ଅନୁଷ୍ଠାନର କିଛି ସ୍ୱେଚ୍ଛାସେବୀ ସହରରେ ରହିଥିବା କଣ୍ଟ୍ରୋଲ ଦୋକାନ ଗୁଡିକରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ତଥା ସେବାର ଗୁଣବତ୍ତା ନିରୀକ୍ଷଣ କରିଥିଲେ । ଏହି ଅନୁଷ୍ଠାନ ପକ୍ଷରୁ କରାଯାଇଥିବା ସର୍ଭେ ରେ ନମୁନା ସଂଗ୍ରହ ବା ସାମ୍ପଲିଂ ମେଥୋଡ଼ରେ କରାଯାଇଥିବା ସର୍ଭେ ରିପୋର୍ଟ ଅନୁସାରେ ସାଧାରଣ ବଣ୍ଟନରେ ଆସୁଥିବା ୧୩ ହଜାର ବିପିଏଲ କାର୍ଡ଼ ଧାରୀଙ୍କ ମଧ୍ୟରୁ ୧୩୪ ଜଣ ହିତାଧିକାରୀ, ୧୩୩ ଟି କଣ୍ଟ୍ରୋଲ ଦୋକାନ ମଧ୍ୟରୁ ୫ଟିକଣ୍ଟ୍ରୋଲ ଦୋକାନ ଓ ଯୋଗାଣ ବିଭାଗର କର୍ମଚାରୀ ମାନଙ୍କ ଠାରୁ ମତାମତ ନିଆଯାଇଛି। ରିପୋର୍ଟ ଅନୁସାରେ ୭୨.୪ % ହିତାଧିକାରୀ କହିଛନ୍ତି ନିୟମାନୁଯାୟୀ ସକାଳ ୮ ରୁ ୧୦ ଓ ସନ୍ଧ୍ୟା ୪ ରୁ ୮ ଦୋକାନ ଖୋଲାରହୁଛି । ସେହିଭଳି ୧୬%ରୁ କିଛି ଅଧିକ କହିଛନ୍ତି କେବଳ ସନ୍ଧ୍ୟାରେ ଓ ୧୧.୨% ହିତାଧିକାରୀଙ୍କ କହିବା ଅନୁସାରେ କେବଳ ସକାଳ ବେଳା କଣ୍ଟ୍ରୋଲ ଦୋକାନ ଖୋଲା ରହୁଛି। ଏପରିକି କଣ୍ଟ୍ରୋଲ ଦୋକାନରେ ନିୟମିତ ଭାବେ କୋଟା ହିତାଧିକାରୀଙ୍କ ପ୍ରଦାନ କରାଯାଉଥିବା ବେଳେ ପୂର୍ବ ମାସର କୋଟା ପ୍ରଦାନ କରାଯାଉନାହିଁ କିମ୍ବା ୫୦%କଣ୍ଟ୍ରୋଲ ଦୋକାନ ସମ୍ମୁଖରେ ସୂଚନା ଫଳକ ରହୁନାହିଁ ବୋଲି ଦର୍ଶାଯାଇଛି। କୌଣସି ହିତାଧିକାରୀଙ୍କ ତାଲିକା ସମ୍ପୃକ୍ତ ଡ଼ିଲର ନିଜ ଦୋକାନ କାନ୍ଥରେ ଝୁଲାଉ ନାହାନ୍ତି ଏବଂ ଦୋକାନରେ ସୂଚନା ଫଳକ ଅସମ୍ପୂର୍ଣ୍ଣ ଭାବେ ରହୁଛି। ଗଞ୍ଜାମ ଜିଲ୍ଲାରେ ଚଳିତ ମାସରେ ଗହମ କୋଟା ୧୦ କିଲୋ ପ୍ରଦାନ କରାଯିବା ପାଇଁ ନିର୍ଦ୍ଦେଶ ଆସିଛି। ଅନ୍ୟ ମହାନଗର ନିଗମରେ ମାସିକ ୧୫ କିଲୋ ଗହମ ଦିଆଯାଉଥିବା ବେଳେ ଗଞ୍ଜାମ ଜିଲ୍ଲାକୁ ଅଣଦେଖା କରାଯିବା ଅଭିଯୋଗ ରହିଛି।

## ସର୍ଭେ ରିପୋର୍ଟକୁ ନେଇ ପ୍ରତିକ୍ରିୟା

**ଡ଼ଃ.ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଟିଏଲସି ସଭାପତି :** ସହରରେ ସାଧାରଣ ବଣ୍ଟନ ବ୍ୟବସ୍ଥାର ସରକାରୀ ନିୟମାବଳୀ ଠିକ୍ ଭାବେ ସଂପାଦନ ନ ହେବା ଯୋଗୁଁ ବ୍ରହ୍ମପୁର ସହରର ହିତାଧିକାରୀ ନିଜର ନ୍ୟାର୍ଯ୍ୟ ଦାବିରୁ ବଞ୍ଚିତ ହେଉଥିବା କହିବା ଭୁଲ ହେବ । କାରଣ ବ୍ରହ୍ମପୁର ସହରରେ ବଣ୍ଟନ ବ୍ୟବସ୍ଥା ଉନ୍ନତ ମାନର ରହିଛି। ପ୍ରତ୍ୟେକ ଖାଉଟିଙ୍କ ଅଭିଯୋଗ ଅନୁସାରେ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ ଜରିଆରେ ସମ୍ପୃକ୍ତ ଡ଼ିଲରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଯଦି ବା କୌଣସି ହିତାଧିକାରୀ ଖାଉଟି ସାମଗ୍ରୀ ପାଇବାରୁ ବଞ୍ଚିତ ଭଳି ଗୁରୁତର ଅଭିଯୋଗ କରିବେ ସେଥିପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ଅନୁଛାୟା ଦାସ, ହିତାଧିକାରୀ :** ପ୍ରତି ମାସରେ କଣ୍ଟ୍ରୋଲ ଦୋକାନରୁ ଚାଉଳ, କିରାସିନି ଓ ଚିନି ପାଉଛି। ଚାଉଳ ପ୍ରତ୍ୟେକ ମାସର ୫ ତାରିଖରେ ଡ଼ିଲର ଦିଅନ୍ତି ଓ କିରାସିନି ୧୦ କିମ୍ବା ୧୧ ତାରିଖରେ ମିଳେ। ଆଜି ସୁଦ୍ଧା କୌଣସି ଅସୁବିଧା ହୋଇନଥିବା ବେଳେ ଆମ କାର୍ଡ଼ରେ ଗହମ ମିଳିଥିଲେ ଖୁବ ଖୁସିର ବିଷୟ ହୋଇପାରିଥାନ୍ତା।

**ସତୀଶ ପାଣିଗ୍ରାହୀ, ଜିଲ୍ଲା ଖାଉଟି ସୁରକ୍ଷା ସମିତି ସଭ୍ୟ :** ୟୁଥ ଫର ସୋସିଆଲ ଡ଼େଭଲପମେଣ୍ଟ ନାମକ ସଂସ୍ଥା ତରଫରୁ କରାଯାଇଥିବା ସର୍ଭେ ରିପୋର୍ଟ ଏକ ପ୍ରକାର ତ୍ରୁଟିପୂର୍ଣ୍ଣ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ସର୍ଭେଟି ଅତି କମ ସଂଖ୍ୟକ ଖାଉଟିଙ୍କୁ ନେଇ ହୋଇଥିବା ଯୋଗୁଁ ତାହା ପୂର୍ଣ୍ଣ ମାତ୍ରାରେ ସଫଳ କହିଲେ ଭୁଲ ହେବ । ଏହି ସର୍ଭେ ରିପୋର୍ଟରେ ରହିଥିବା ତଥ୍ୟ ଅନୁସାରେ ସହରରେ ବର୍ତ୍ତମାନ ନିମ୍ନମାନର ଖାଉଟି ସାମଗ୍ରୀ ପ୍ରଦାନ କରାଯାଉଛି କିନ୍ତୁ ସହରରେ ପୂର୍ବରୁ ଏହି ଭଳି କୌଣସି ଗୁରୁତର ଅଭିଯୋଗ ଆସିନଥିବା ଦେଖାଯାଇଛି । ଏପରିକି ଡିଲର ଓ ଯୋଗାଣ ବିଭାଗ ମଧ୍ୟରେ ରହିଥିବା ଯୋଗାଯୋଗର ଅଭାବ ରହିଛି ବୋଲି ଉଲ୍ଲେଖ କରାଯାଇଛି । ଯଦି ଏପରି ହୋଇଥାନ୍ତା ତେବେ ପ୍ରତ୍ୟେକ ମାସରେ କୋଟା ଉଠାଣ କରି ଯୋଗାଣ ହୋଇପାରନ୍ତା ନାହିଁ ।

**ପୁରୁଷୋତ୍ତମ ଲେଙ୍କା, ଅତିରିକ୍ତ ଯୋଗାଣ ଅଧିକାରୀ:** ଗଞ୍ଜାମ ଜିଲ୍ଲାରେ ରାଜ୍ୟର ଅନ୍ୟ ଜିଲ୍ଲା ଅପେକ୍ଷା ଯୋଗାଣ ବ୍ୟବସ୍ଥା ଠିକ୍ ଭାବେ ଚାଲିଛି । ୟାଇଏସଡ଼ି ତରଫରୁ କରାଯାଇଥିବା ସର୍ଭେ ଏବଂ ସର୍ଭେ ପର ରିପୋର୍ଟ ମଧ୍ୟରେ ଭିନ୍ନତା ଉପସ୍ଥାପନା କରୁଛି। କାରଣ ଏହି ଅନୁଷ୍ଠାନର କିଛି ସ୍ୱେଚ୍ଛାସେବୀ ଯୋଗାଣ ଅଧିକାରୀଙ୍କ ସହ ମିଳିତ ଭାବେ କିଛି ଦୋକାନକୁ ସର୍ଭେ ନିମନ୍ତେ ଯାଇଥିଲେ। କିନ୍ତୁ ସେଠାରୁ କୌଣସି ଅବ୍ୟବସ୍ଥା କିମ୍ବା ସରକାରୀ ନିୟମାବଳୀ ଅବହେଳା କରାଯିବା ଦେଖାଯାଇନଥିଲା। ତେବେ ବର୍ତ୍ତମାନ ଏହି ସର୍ଭେ ରିପୋର୍ଟରେ କିପରି ବଣ୍ଟନ ବ୍ୟବସ୍ଥା ନିମ୍ନମାନର ହୋଇପଡ଼ିଛି ବୋଲି ଦର୍ଶାଯାଇଛି ତାହା ଏକ ବଡ଼ ପ୍ରଶ୍ନ ଅଟେ।

**ବିଭୂ ପ୍ରସାଦ ସାହୁ :** ସହରରେ ଯୋଗାଣ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇନଥିଲେ ସୁଦ୍ଧା କିଛି କଣ୍ଟ୍ରୋଲ ଦୋକାନକୁ ନେଇ କରାଯାଇଥିବା ସର୍ଭେ ରିପୋର୍ଟକୁ ପ୍ରକାଶ କରାଯାଇଛି। ଏହି ରିପୋର୍ଟରେ ବ୍ରହ୍ମପୁର ସହର ବସ୍ତି ଅଞ୍ଚଳର ସାଧାରଣ ବ୍ୟବସ୍ଥାର ସତ୍ୟାସତ୍ୟ, ସାମାଜିକ ସମୀକ୍ଷାର ବିବରଣୀ, କଣ୍ଟ୍ରୋଲ ଦୋକାନୀଙ୍କ ମତାମତ, ହିତାଧିକାରୀଙ୍କ ମତାମତ, ନାଗରିକଙ୍କ ଅଭିଯୋଗ, ପ୍ରସ୍ତାବ ଓ ନିତୀ ନିର୍ଦ୍ଧାରଣ ପ୍ରଭୃତି ରହିଛି। ଏହି ରିପୋର୍ଟ ବଣ୍ଟନ ବ୍ୟବସ୍ଥାରେ କିଛିଟା ସୁଧାର ଆଣିବାର ସହାୟକ ହେବ।

# ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସହରବାସୀ ଅସହାୟ




ବ୍ରହ୍ମପୁର,୦୯।୦୮ (ସ:ବ୍ୟୁ): ୟୁଥ୍ ଫର ସୋସିଆଲ୍ ଡ଼େଭଲପ୍‌ମେଣ୍ଟ ପକ୍ଷରୁ କରାଯାଇଥିବା ଏକ ସାମାଜିକ ସମୀକ୍ଷାରେ ଜଣାପଡ଼ିଛି ଯେ, ବ୍ରହ୍ମପୁର ସହରବାସୀ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସରକାରୀ ସ୍ତରରୁ ସୁବିଧା ସୁଯୋଗ ଠିକ୍ ରୂପେ ଉପଲବ୍ଧ କରିନପାରି ଅସହାୟ ଅବସ୍ଥାରେ କଣ୍ଟ୍ରୋଲ ଦୋକାନଗୁଡ଼ିକରୁ ସାମାଗ୍ରୀ କିଣୁଛନ୍ତି ।

ଏଥିରେ ଜଣାପଡ଼ିଥିଲା ଯେ, ଯୋଗାଣ ନିରୀକ୍ଷକମାନେ ପର୍ଯ୍ୟାପ୍ତ ପରିମାଣର ତଥ୍ୟ କଣ୍ଟ୍ରୋଲ ଦୋକାନଗୁଡ଼ିକୁ ପ୍ରଦାନ କରୁନାହାନ୍ତି । ତା'ଛଡ଼ା କଣ୍ଟ୍ରୋଲ ଦୋକାନଗୁଡ଼ିକ ବୈଦ୍ୟୁତିକ ଓଜନ ଯନ୍ତ୍ର ବ୍ୟବହାର କରୁନାହାନ୍ତି । ଅଧିକାଂଶ ଡ଼ିଲରଙ୍କ ଗୋଦାମଘର ନାହିଁ । ଡ଼ିଲରମାନେ କହିଛନ୍ତି ଯେ, ସେମାନଙ୍କୁ ଦିଆଯାଉଥିବା ସାମଗ୍ରୀ ବିକ୍ରୟ ପାଇଁ ପରିବହନ, ଘରଭଡ଼ା, ବିଦ୍ୟୁତ ଖର୍ଚ୍ଚ, ରେକର୍ଡ଼ପତ୍ର ଓ ସହକାରୀଙ୍କ ଦରମା ଇତ୍ୟାଦିକୁ ଭରଣା କରିବା କଷ୍ଟସାଧ୍ୟ । ସରକାରଙ୍କ ନିକଟରୁ ମିଳୁଥିବା କମିଶନ ପର୍ଯ୍ୟାପ୍ତ ନଥିବା ବେଳେ ଏହା ମିଳିବାରେ ଅହେତୁକ ବିଳମ୍ବ ହେଉଛି । ନିରୀକ୍ଷକ ଦଳର କାର୍ଯ୍ୟକାରିତା ହେଉନଥିବା ମଧ୍ୟ କହିଥିଲେ । ହିତାଧିକାରୀମାନେ ପ୍ରକାଶ କରିଛନ୍ତି ଯେ, କଣ୍ଟ୍ରୋଲ ଦୋକାନଗୁଡ଼ିକ ଅତିବେଶୀରେ ୧୫ ଦିନ ଖୋଲୁଛି । ଗତମାସର କୋଟା ଚଳିତ ମାସରେ ପ୍ରଦାନ କରିବାକୁ ଦୋକାନୀମାନେ ମନା କରୁଛନ୍ତି । କଣ୍ଟ୍ରୋଲ ଦୋକାନଗୁଡ଼ିକର ସମୟ ନିର୍ଦ୍ଧାରଣ ଯୋଗାଣ ବିଭାଗ ପକ୍ଷରୁ କରାଯାଇନଥିବାରୁ ଇଚ୍ଛା ମୁତାବକ ଦୋକାନଗୁଡ଼ିକ ଖୋଲୁଛନ୍ତି । ମାନ୍ୟବର ସୁପ୍ରିମ କୋର୍ଟଙ୍କ ଆଦେଶର ନକଲ କଣ୍ଟ୍ରୋଲ ଦୋକାନଗୁଡ଼ିକରେ ଉପଲବ୍ଧ ରହୁନାହିଁ । ସରକାରୀ ନିୟମାବଳୀ ବିଷୟରେ କଣ୍ଟ୍ରୋଲ ଦୋକାନ କୌଣସି ସୂଚନା ପ୍ରଦାନ କରୁନାହାନ୍ତି। ଷ୍ଟକ୍ ଠିକ୍ ସମୟରେ ଉଠାଇ ନପାରି ବହୁ କଣ୍ଟ୍ରୋଲ ଦୋକାନ ହିତାଧିକାରୀଙ୍କୁ ଫେରାଉଛନ୍ତି। ସାମଗ୍ରୀର ଗୁଣବତ୍ତା ଠିକ୍ ରହୁନି। ଏହିପରି ବିଭିନ୍ନ ସମସ୍ୟା ସର୍ଭେ ସମୟରେ ଜଣାପଡ଼ିଥିଲା ବୋଲି ଗଂଜାମ କଳା ପରିଷଦଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ୟୁଥ୍ ଫର ସୋସିଆଲ୍ ଡ଼େଭଲପ୍‌ମେଣ୍ଟ ପକ୍ଷରୁ ଗୁରୁବାର ଦିନ ପ୍ରକାଶ କରାଯାଇଛି। ଏହି ସମ୍ମିଳନୀରେ ୱାଇଏସ୍‌ଡ଼ିର ସଂପାଦକ ବିଭୂପ୍ରସାଦ ସାହୁ, ପ୍ରକଳ୍ପ ପରିଚାଳକ ଅନୀଲ କୁମାର ନନ୍ଦ, ମାନ୍ୟବର ସୁପ୍ରିମ୍ କୋର୍ଟଙ୍କ ଖାଦ୍ୟ ଅଧିକାର ଉପଦେଷ୍ଟା କମିଟିର ସଦସ୍ୟ ଶମ୍ଭୁ ସାହୁ, କଣ୍ଟ୍ରୋଲ ଦୋକାନୀ ସଂଘର ସଂପାଦକ ଈଶ୍ୱର ମହାନ୍ତି, ଉପଦେଷ୍ଟା ଭାସ୍କର ସାହୁ, ୩ ନମ୍ବର ୱାର୍ଡ଼ କର୍ପୋରେଟର ଅଶୋକ ଶୁକ୍ଳ ପ୍ରମୁଖ ଯୋଗଦେଇ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ ।

# ସାଧାରଣ ବଣ୍ଟନ ବ୍ୟବସ୍ଥା ଉପରେ କର୍ମଶାଳା




ୱାଇଏସଡି ପ୍ରୋଗ୍ରାମ ମ୍ୟାନେଜର୍ ଅନିଲ କୁମାର ନନ୍ଦ ଆଲୋଚନା କରୁଛନ୍ତି ।

ବ୍ରହ୍ମପୁର ଅଫିସ, ୯।୮–ସାଧାରଣ ବଣ୍ଟନ ବ୍ୟବସ୍ଥାର ସାମାଜିକ ସମୀକ୍ଷା ସମ୍ପର୍କିତ ଏକ କର୍ମଶାଳା ଗୁରୁବାର ସ୍ଥାନୀୟ ଗଞ୍ଜାମ କଳା ପରିଷଦରେ ଅନୁଷ୍ଠିତ ହୋଇଯାଇଛି । ୟୁଥ ଫର ସୋସିଆଲ ଡେ଼ଭଲପମେଣ୍ଟ (ୱାଇଏସଡି) ତରଫରୁ ଆୟୋଜିତ ଏହି କର୍ମଶାଳାରେ ବ୍ରହ୍ମପୁର ସହରରେ ସାଧାରଣ ବଣ୍ଟନ ବ୍ୟବସ୍ଥା କିଭଳି କାର୍ଯ୍ୟକାରୀ ହେଉଛି ସେହି ବିଷୟରେ ଆଲୋଚନା ହୋଇଥିଲା । ସହରର ୫ କଣ୍ଟ୍ରୋଲ ଦୋକାନ, ୧୩୪ ହିତାଧିକାରୀ, ୬ବସ୍ତି, ୫ଡି଼ଲରଙ୍କ ସମେତ ଯୋଗାଣ ଅଧିକାରୀଙ୍କ ସହ ସାକ୍ଷାତ କରି ସଂଗ୍ରହ କରିଥିବା ତଥ୍ୟ ଉପସ୍ଥାପନ କରାଯାଇଥିଲା । ସେଥିରେ ଦର୍ଶାଯାଇଛି ୯୧.୮ ପ୍ରତିଶତ ହିତାଧିକାରୀ ନିୟମ ଠାରୁ ୧୦ରୁ ୧୫ପ୍ରତିଶତ ଚାଉଳ କମ ମିଳୁଥିବା କଥା କହିଛନ୍ତି । ହିତାଧିକାରୀ ଅଭିଯୋଗ କରିଛନ୍ତି ଯେ କଣ୍ଟ୍ରୋଲ ଦୋକାନୀ ସେମାନଙ୍କୁ ଗତ ମାସର କୋଟା ଚଳିତ ମାସ ଦେବାକୁ ମନା କରୁଛନ୍ତି । ୫୦ ପ୍ରତିଶତ ଲୋକ କଣ୍ଟ୍ରୋଲ ଦୋକାନ ଆଗରେ କୌଣସ ସୂଚନା ଫଳକ ନ ଥିବା ଅଭିଯୋଗ କରିଛନ୍ତି । ୮୯ ପ୍ରତିଶତ ହିତାଧିକାରୀ ସୂଚନା ଫଳକରେ ଅସୁବିଧା ସମୟରେ କାହାକୁ ଅଭିଯୋଗ କରିବେ ତାହା ଉଲ୍ଲେଖ ନ ଥିବା ଦର୍ଶାଇଛନ୍ତି । ଏହାର ଉତ୍ତରରେ କଣ୍ଟ୍ରୋଲ ଦୋକାନୀଙ୍କ ଠାରୁ ମିଳିଥିବା ପ୍ରତିକ୍ରିୟାରେ କୁହାଯାଇଛି ପରିବହନ, ଘର ଭଡ଼ା, ବିଦ୍ୟୁତ ଖର୍ଚ୍ଚ, ରେକର୍ଡ଼ ପତ୍ର, ସହକାରୀଙ୍କ ଦରମା ଆଦି ସକାଶେ ଟଙ୍କା ଭରଣା କରିବାରେ କଷ୍ଟ ହେଉଛି । ସେମାନେ ଯାହା କିଛି ସରକାରଙ୍କ ଠାରୁ କମିଶନ ବାବଦରେ ପାଆନ୍ତି ତାହା ପର୍ଯ୍ୟାପ୍ତ ନୁହେଁ । ଯାହା ମିଳୁଛି ତାହା ବହୁ ବିଳମ୍ବରେ ମିଳୁଥିବା ସେମାନେ ଦର୍ଶାଇଛନ୍ତି । ସୂଚନାଯୋଗ୍ୟ ସହରରେ ୧୩୩ କଣ୍ଟ୍ରୋଲ ଦୋକାନ ଥିବା ବେଳେ ମାତ୍ର ଦୁଇ ଜଣ ସପ୍ଲାଇ ଇନ୍‌ସପେକ୍ଟର ଅଛନ୍ତି । ତେଣୁ ସାଧାରଣ ବଣ୍ଟନ ବ୍ୟବସ୍ଥା ଉପରେ ତଦାରଖ କାମ ଠିକ ଭାବେ ହୋଇ ପାରୁ ନ ଥିବା ଅନେକ ଅଭିଯୋଗ କରିଥିବା କର୍ମଶାଳାରେ ଚର୍ଚ୍ଚା ହୋଇଥିଲା । ଡି଼ଲର ମନଇଛା ଦେକାନ ଖୋଲିବା, ନିମ୍ନମାନର ଖାଦ୍ୟ ସାମଗ୍ରୀ ବଣ୍ଟନ, କମ ପରିମାଣର ସାମଗ୍ରୀ ଯୋଗାଣ ଓ ସଠିକ ମାପ ଯନ୍ତ୍ର (ବୈଦ୍ୟୁତିକ ଓଜନ ଯନ୍ତ୍ର)ବ୍ୟବହାର ନ କରିବା ଆଦି ପ୍ରସଙ୍ଗ ଜନ ସାଧାରଣଙ୍କ ଅସନ୍ତୋଷର କାରଣ ସାଜିଥିବା ଅନୁଷ୍ଠାନ ତରଫରୁ ଦର୍ଶାଯାଇଛି । କର୍ମଶାଳାରେ ଉପସ୍ଥିତ ଅତିଥିମାନଙ୍କ ମଧ୍ୟରେ କର୍ପୋରେଟର ଅଶୋକ ଶୁକ୍ଳ, ଅନୁଷ୍ଠାନର ଉପଦେଷ୍ଟା ଭାସ୍କର ସାହୁ, ରାଜ୍ୟ ଉପଦେଷ୍ଟା କମିଶନର ଶମ୍ଭୁ ସାହୁ, ଉପଭୋକ୍ତା ସଚେତନ କେନ୍ଦ୍ରର ସତିଶ ପାଣିଗ୍ରାହୀ, ଡି଼ଲର ଆସୋଶିଏନର ସମ୍ପାଦକ ଇଶ୍ୱର ମହାନ୍ତି ଓ ଅନୁଷ୍ଠାନ ସମ୍ପାଦକ ବିଭୁ ପ୍ରସାଦ ସାହୁ, ୱାଏସଡି ପ୍ରୋଗ୍ରାମ ମ୍ୟାନେଜର ଅନିଲ କୁମାର ନନ୍ଦ ଆଲୋଚନା କରିଥିଲେ ।